ସର୍ବସାଧାରଣ
sarbasadharana

Sarbasadharana



କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ତଥା ବିଶିଷ୍ଟ କବି ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଛନ୍ତି। ଶନିବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, ଏହା ଡ. ପଣ୍ଡାଙ୍କ କ୍ୟାରିୟରରେ ଏକ ମାଇଲଖୁଣ୍ଟ ହେବ। ଏହି ଅବସରରେ ଡ. ପଣ୍ଡାଙ୍କ ସ୍ୱାମୀ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ପୁଅ ମନ୍ମିତ ମଙ୍ଗରାଜ ଉପସ୍ଥିତ ଥିଲେ। ସୂଚନାଥାଉକି, ଗୁରୁବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଡ. ପଣ୍ଡାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ନେଇ ଘୋଷଣା କରାଯାଇଛି। ତାଙ୍କ ଲିଖିତ କବିତା ସଙ୍କଳନ 'ଦୟାନଦୀ' ପାଇଁ ଏହି ପୁରସ୍କାର ପାଇବେ ଡ. ପଣ୍ଡା। ଏହା ୨୦୧୭ରେ ପକ୍ଷୀଘର ପ୍ରକାଶନ ପକ୍ଷରୁ ପ୍ରକାଶ ପାଇଥିଲା।